## ବାଇକ୍ ଦୁର୍ଘଟଣାରେ ଯୁବକ ମୃତ

ଝାରସୁଗୁଡ଼ା ଅଫିସ୍: ଝାରସୁଗୁଡ଼ା ଜିଲା ବଡମାଲ ଥାନା ଅଧୀନ ପତ୍ରାପାଲି ଗ୍ରାମ ନିକଟ ମହୁଲମୁଣ୍ଡା ଛକରେ ବୁଧବାର ଏକ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ବ୍ରଜରାଜନଗର ଲମଟିବାହାଲର କୁନ୍ଦନ ମାଝି(୨୩)। ବଡମାଲ ପୋଲିସ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇଛି । ଏ ନେଇ ଥାନାରେ କେସ୍ ନଂ.୪୫/୨୧ରେ ଏକ ମାମଲା ରୁଜୁ ହୋଇଛି। ଦୁର୍ଘଟଣାଗ୍ରସ୍ତ ଓଡି୨୩ଏଫ୍-୦୨୫୭ ବାଇକ୍କୁ ପୋଲିସ ଜବତ କରିଛି । ଯୁବକ ଜଣଙ୍କ ବନ୍ଧୁଘର ପତ୍ରାପାଲି ଗ୍ରାମକୁ ଆସି ନିଜଘର ଲମଟିବାହାଲକୁ ଫେରୁଥିଲେ। ଏହି ସମୟରେ ଏକ ବୁଲାଣିରେ ବାଇକ୍ ଭାରସାମ୍ୟ ହରାଇ ରାସ୍ତା ତଳକୁ ଖସିପଡିଥିଲା । ଏଥିରେ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା ।

## ସଂକ୍ଷେପରେ

### ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ଯୁବକ ଗିରଫ

**ରେଢ଼ାଖୋଲ,୩।୩ (ଡି.ଏନ.ଏ.):** ଚାରମାଲ ଥାନା ଅଞ୍ଚଳର ଜନୈକା ନାବାଳିକାଙ୍କୁ ଅପହରଣ ଓ ବଳାତ୍କାର ଅଭିଯୋଗରେ ରେଢାଖୋଲ ପୋଲିସ ଚାରମାଲ ଥାନା ଅନ୍ତର୍ଗତ ମହାଲିଙ୍ଗ ଗ୍ରାମର ଜଗଦୀଶ ଶବର (୨୧)ଙ୍କୁ ଗିରଫ କରିଛି। ରେଢାଖୋଲ ପୋଲିସ କେସ୍ ନଂ. ୧୮ରେ ମାମଲା ରୁଜୁ କରି ଗିରଫ ଅଭିଯୁକ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ନାବାଳିକା ରେଢାଖୋଲ ଥାନା ଅଞ୍ଚଳର ତାଙ୍କ ମାମୁଁ ଘରକୁ ବୁଲିବାକୁ ଆସିଥିଲେ। ଏପରି ସମୟରେ ଗତ ୨୭ ତାରିଖରେ ସେ ନିଖୋଜ ହୋଇଯାଇଥିବା ନେଇ ତାଙ୍କ ବାପା ରେଢାଖୋଲ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ବେଳେ ନାବାଳିକାଙ୍କୁ ରେଢାଖୋଲ ବସ୍ଷ୍ଟାଣ୍ଡରେ ବୁଲୁଥିବା ଅବସ୍ଥାରେ ଉଦ୍ଧାର କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ନାବାଳିକାଙ୍କ ବୟାନକୁ ଭିତ୍ତିକରି ପୋଲିସ ତାଙ୍କୁ ଡାକ୍ତରୀମାଇନା କରିବା ସହିତ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

### ଯୁବତୀ ସାଇବର ଠକାମିର ଶିକାର

**ଝାରସୁଗୁଡ଼ା ଅଫିସ୍,୩।୩:** ଝାରସୁଗୁଡ଼ା ଜିଲା ବେଲପାହାଡ଼ ଥାନା ଅଧୀନ ଗାନ୍ଧୀନଗରର ନୀତା ଛତର ନାମ୍ନୀ ଯୁବତୀଙ୍କୁ ଲଟେରି ଉଠିଥିବା କହି ସାଇବର ଲୁଟେରା ତାଙ୍କଠାରୁ ଲକ୍ଷାଧିକ ଟଙ୍କା ଲୁଟି ନେଇଛନ୍ତି। ଠକେଇର ଶିକାର ହେବା ପରେ ଯୁବତୀ ଜଣଙ୍କ ବେଲପାହାଡ଼ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ୍ କେସ୍ ନଂ.୪୪/୨୧ରେ ମାମଲା ରୁଜୁକରି ତଦନ୍ତ ଚଳାଇଛି । ଅଭିଯୋଗରୁ ଜଣାପଡିଛି ଯୁବତୀଙ୍କୁ ଜଣେ ଅଜଣା ବ୍ୟକ୍ତି ଫୋନ୍କରି କୌନ ବନେଗା କରୋଡପତିରେ ତୁମେ ୩୮ ଲକ୍ଷ ଟଙ୍କା ଜିତିଛ ବୋଲି କହିଥିଲେ। ଏହି ଟଙ୍କା ପାଇବାକୁ ହେଲେ ତୁମକୁ ପ୍ରଥମେ ସରକାରୀ ଟିକସ୍ ଦେବାକୁ ପଡିବ। ଏ ସମ୍ପର୍କରେ କାହାରିକୁ କହିବ ନାହିଁ। ଏଥିରେ ଯୁବତୀ ଜଣଙ୍କ ପ୍ରଲୋଭିତ ହୋଇ ମାଆଙ୍କୁ କହି ଟଙ୍କା ଯୋଗାଡରେ ଲାଗିପଡିଥିଲେ। ବହୁକଷ୍ଟରେ ଏଣୁତେଣୁ ଟଙ୍କା ଯୋଗାଡକରି ୫ଟି କିସ୍ତିରେ ୧ଲକ୍ଷ ୬୯ହଜାର ଟଙ୍କା ବ୍ୟାଙ୍କରେ ଜମା କରିଥିଲେ। ଏହି ବ୍ୟାଙ୍କ ଆକାଉଣ୍ଟ ବିକାଶ ରାମଙ୍କ ନାମରେ ରହିଥିଲା । ଏଥିରେ ସାଇବର ଠକ ଜଣକ ସନ୍ତୁଷ୍ଟ ନ ହୋଇ ଅଧିକ ଟଙ୍କା ଦାବି କରିଥିଲେ। ହେଲେ ଯୁବତୀଙ୍କ ପରିବାରର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ଅଧିକ ଟଙ୍କା ଯୋଗାଡ କରିବା ସମ୍ଭବ ହୋଇ ନ ଥିଲା । ଏ ନେଇ ଯୁବତୀଙ୍କ ସନ୍ଦେହ ହୋଇଥିଲା। ପରେ ସେ ସାଇବର ଠକାମିର ଶୀକାର ହୋଇଥିବା ଜାଣି ପରିବାର ଲୋକଙ୍କ ସହ ଥାନାକୁ ଆସି ଅଭିଯୋଗ କରିଥିଲେ ।

### ରେଢ଼ାଖୋଲ ଓକିଲ ସଂଘକୁ ଆଇନ ପୁସ୍ତକ ପ୍ରଦାନ

**ରେଢ଼ାଖୋଲ,୩।୩(ଡି.ଏନ.ଏ.):** ସମ୍ବଲପୁରର ବରିଷ୍ଠ ଆଇନଜୀବୀ ସ୍ୱର୍ଗତ ଘନଶ୍ୟାମ ରଥ ସ୍ମୃତି କମିଟି ପକ୍ଷରୁ ବୁଧବାର ରେଢାଖୋଲ ଓକିଲ ସଂଘର ପାଠାଗାର ପାଇଁ ୭୦୦ ଖଣ୍ଡ ଆଇନ ପୁସ୍ତକ ପ୍ରଦାନ କରାଯାଇଛି। ସ୍ୱର୍ଗତ ରଥଙ୍କ ସୁପୁତ୍ର ତଥା ସମ୍ବଲପୁର ଜିଲା ଓକିଲ ସଂଘ ସଭାପତି ପ୍ରମୋଦ ରଥ ରେଢାଖୋଲ ସଂଘ କାର୍ଯ୍ୟାଳୟକୁ ଆସି ପୁସ୍ତକ ପ୍ରଦାନ କରିଛନ୍ତି। ରେଢାଖୋଲ ସଂଘ ସଭାପତି ଗଣେଶ୍ୱର ପ୍ରଧାନ ପୁସ୍ତକଗୁଡିକୁ ଗ୍ରହଣ କରି ଏହା ସଂଘ ସଦସ୍ୟମାନଙ୍କ ପାଇଁ ଉପାଦେୟ ହେବ ବୋଲି ପ୍ରକାଶ କରିଥିଲେ। ବରିଷ୍ଠ ଆଇନଜୀବୀ ଅଭୟ କୁମାର ବିର, ଶମ୍ଭୁପ୍ରସାଦ ପ୍ରଧାନ, ଶିବପ୍ରସାଦ ପ୍ରଧାନ, ପଶ୍ଚିମାଞ୍ଚଳ ଏକତାମଞ୍ଚ ଆବାହକ ଭବାନିଶଙ୍କର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

### କଣ୍ଠଶିଳ୍ପୀଙ୍କ ପରଲୋକ

**ସମ୍ବଲପୁର, ୩।୩ (ବ୍ୟୁରୋ):** ସମ୍ବଲପୁରର ଜଣାଶୁଣା ମଞ୍ଚ କଣ୍ଠଶିଳ୍ପୀ ତଥା ବ୍ୟାଙ୍କ ଅଧିକାରୀ ପ୍ରମୋଦ କୁମାର ପଣ୍ଡାଙ୍କ ମଙ୍ଗଳବାର ହୃଦ୍ଘାତରେ ପରଲୋକ ହୋଇଯାଇଛି। ତାଙ୍କ ବିୟୋଗରେ ସମ୍ବଲପୁର ମଞ୍ଚ କଳାକାର ମହଲରେ ଶୋକର ଛାୟା ଖେଳିଯାଇଛି। ସ୍ତ୍ରୀ ନିରୁପମା ଓ ପୁଅ, ଝିଅ ରହିଛନ୍ତି। ବୁଧବାର ଯବାନ ଇ-ହିନ୍ଦ କ୍ଲବ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା ହୋଇଥିଲା। ବିଶ୍ୱମ୍ଭର ବହିଦାର, ବିଭୂତିଭୂଷଣ ଦାସ, ମହମ୍ମଦ ଇସାକ, ମହମ୍ମଦ ୟୁସୁଫ, ମହମ୍ମଦ ଜଲିଲ୍, ମହମ୍ମଦ ମୁସ୍ତାକ, ପ୍ରଭଞ୍ଜନ ବଳ, ପ୍ରବୀଣ ସିଂଦେଓ ପ୍ରମୁଖ ତାଙ୍କ ସ୍ମୃତିଚାରଣ କରିଥିଲେ।

# ଜଙ୍ଗଲରୁ ଯୁବକଙ୍କ ମୃତଦେହ ଜବତ

- ୧୯ରୁ ନିଖୋଜ ଥିଲେ
- ହାତୀ ଆକ୍ରମଣ କିମ୍ବା ହତ୍ୟା ସନ୍ଦେହ
- ପୋଲିସର ତଦନ୍ତ ଜାରି

**ସମ୍ବଲପୁର,୩।୩(ବ୍ୟୁରୋ)**

ସମ୍ବଲପୁର ବନଖଣ୍ଡ ସଦର ରେଞ୍ଜ ଡୁମେରଚୁଆଁ ଜଙ୍ଗଲରୁ ବୁଧବାର ଜଣେ ଯୁବକଙ୍କ ମୃତଦେହ ଜବତ ହୋଇଛି। ମୃତକ ଜଣକ ଯୁଯୁମୁରା ଥାନା ଭବାନିପାଲି ଗ୍ରାମ ମିର୍ଦ୍ଧାପଡାର ଦ୍ରୋଣ ମିର୍ଦ୍ଧା (୨୮) ବୋଲି ଜଣାପଡିଛି। ନିକଟ ଗ୍ରାମବାସୀଙ୍କଠାରୁ ଖବରପାଇ ପୋଲିସ, ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରିଛନ୍ତି।

ହାତୀ ଅକ୍ରମଣରେ ମୃତ୍ୟୁ ଘଟିଥିବା ନେଇ ବଡଭାଇ ମହେନ୍ଦ୍ର ମିର୍ଦ୍ଧା ଅଭିଯୋଗ କରିଛନ୍ତି। କିଛିମାସ ପୂର୍ବରୁ ଶିକାରୀମାନେ ବିଛାଇଥିବା ବିଦ୍ୟୁତ୍ ତାରରେ ଲାଗି ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିଲା। ସେହିପରି ଦ୍ରୋଣଙ୍କୁ ହତ୍ୟା କରାଯାଇଥିବା ମଧ୍ୟ ଆଲୋଚନା ହେଉଛି। ଅନ୍ୟପଟେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ପୋଲିସ କହିଛି। ମିଳିଥିବା ରିପୋର୍ଟ ଅନୁସାରେ ଦ୍ରୋଣ ଫେବୃୟାରୀ ୧୯ରୁ ନିଖୋଜ ଥିଲେ। ଜଙ୍ଗଲକୁ କାଠ ଆଣିବା ପାଇଁ ଯାଇ ଫେରି ନ ଥିଲେ। ବଡଭାଇ ମହେନ୍ଦ୍ର ଶ୍ୱଶରୁ ଘରକୁ ବାହାଘରରେ ଯୋଗଦେବା ପାଇଁ ଯାଇଥିଲେ। ସ୍ତ୍ରୀ ସାବିତ୍ରୀ ବାପଘରକୁ ଯାଇଥିବାବେଳେ ୨୪ ତାରିଖରେ ଗ୍ରାମକୁ ଆସିଥିଲେ। ଦ୍ରୋଣ ଘରକୁ ଫେରି ନ ଥିବାରୁ ସେ ଆଖପାଖରେ ପଚରାଉଚୁରା କରି ଦୁଇଦିନ ପରେ ପୁଣି ବାପଘରକୁ ଚାଲିଯାଇଥିଲେ। ଭାଇ ମହେନ୍ଦ୍ର ଶ୍ୱଶୁରଘରୁ ଫେରି ଖୋଜାଖୋଜି କରିଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଦ୍ରୋଣ ଜଙ୍ଗଲଆଡେ ଯାଇଥିବା ଖବର ପାଇଥିଲେ। ପରେ ସେ ଗ୍ରାମବାସୀଙ୍କ ସହଯୋଗରେ ଜଙ୍ଗଲରେ ଖୋଜାଖୋଜି କରିବାରୁ ଏକ ବାଉଁଶ ଗଛ ନିକଟରେ ଦ୍ରୋଣଙ୍କ ଗଳିତ ମୃଦଦେହ ପଡିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ଅପରାହ୍ନ ୪ଟାରେ ପୋଲିସ ଜଙ୍ଗଲରୁ ମୃତହେଦ ଜବତ କରି ବ୍ୟବଚ୍ଛେଦ ପାଇଁ ଭିମସାର ଫ୍ରିଜରରେ ରଖିଛି। ସଦର ରେଞ୍ଜ ଦାୟିତ୍ୱରେ ଥିବା ଡେପୁଟି ରେଞ୍ଜର ଅକ୍ଷୟ ମହାରଣା କହିଛନ୍ତି, ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସରକାରୀ ନିୟମ ଅନୁସାରେ ତାଙ୍କ ପରିବାରକୁ କ୍ଷତିପୂରଣ ଦିଆଯିବ।


ଜଙ୍ଗଲରୁ ମୃତଦେହ ଜବତ ପରେ ସାଇଣ୍ଟିଫିକ ଟିମ୍ ତଦନ୍ତ କରୁଛି ।

# ହୁମା ମେଳା ବାତିଲ, ୭ଦିନ ଦର୍ଶନ ବନ୍ଦ


ହୁମା ବକ୍ର ମନ୍ଦିରରେ ଅନୁଷ୍ଠିତ ବୈଠକ ।

**ସମ୍ବଲପୁର,୩।୩(ବ୍ୟୁରୋ)**

**କେବଳ ନୀତିକାନ୍ତି ନେଇ ଟ୍ରଷ୍ଟ ବୈଠକରେ ନିଷ୍ପତ୍ତି**

ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକର ହୁମାଠାରେ ଥିବା ବିଶ୍ୱପ୍ରସିଦ୍ଧ ବକ୍ର ମନ୍ଦିରରେ ପୂଜା ପାଆନ୍ତି ବାବା ବିମଳେଶ୍ୱର। ଶିବରାତ୍ରିରେ ଏଠାରେ ସାଧାରଣ ଦର୍ଶନ ଉପରେ ରୋକ ଲଗାଯାଇଛି। ଏହାସହ ୭ଦିନ ଧରି ବସୁଥିବା ମେଳାକୁ ବାତିଲ କରାଯାଇଛି। କେବଳ ନୀତିକାନ୍ତି ଅନୁସାରେ ପୂଜାବିଧି ହେବ ବୋଲି ବୁଧବାର ମନ୍ଦିର ଟ୍ରଷ୍ଟ ବୈଠକରେ ନିଷ୍ପତ୍ତି ହୋଇଛି। ମନ୍ଦିର ଟ୍ରଷ୍ଟ ସଭାପତି ହେମନ୍ତ ଶେଖର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ହୁମା ପଞ୍ଚାୟତ ସରପଞ୍ଚ ସୁଜିତ ସାହୁ, ମାନଭଞ୍ଜନ ଛୁରିଆ, ରାମ ଷଡଙ୍ଗୀ, ରମେଶ ପ୍ରଧାନ ଉପସ୍ଥିତ ଥିଲେ। ସେହିପରି ମନ୍ଦିର ପୂଜକ ସତ୍ୟନାରାୟଣ ପୂଜାରୀ, ସଦାନନ୍ଦ ପୂଜାରୀ, ଶିବାନନ୍ଦ ପୂଜାରୀ, ଗଜେନ୍ଦ୍ର ପୂଜାରୀ ପ୍ରମୁଖ ଉପସ୍ଥିତ ରହି ମତ ରଖିଥିଲେ। ଟ୍ରଷ୍ଟ ସଭାପତି ପଣ୍ଡା କହିଛନ୍ତି, ଶହ ଶହ ବର୍ଷ ଧରି ଶିବରାତ୍ରି ଦିନଠାରୁ ହୁମାମେଳା ହୋଇଥାଏ। ପ୍ରତିବର୍ଷ ଆଖପାଖ ଜିଲା ତଥା ରାଜ୍ୟରୁ ଲକ୍ଷାଧିକ ଭକ୍ତ ମେଳାକୁ ଆସିଥାନ୍ତି। ହେଲେ ଚଳିତବର୍ଷ କୋଭିଡ୍-୧୯ କଟକଣା ଯୋଗୁ ମେଳାକୁ ବାତିଲ କରାଯାଇଛି। ଭକ୍ତମାନେ ଆସି ଭିଡ଼ ଜମାଇବା ସମ୍ଭାବନା ଥିବାରୁ ଶିବରାତ୍ରୀ ଦିନଠାରୁ ପରବର୍ତ୍ତି ୭ଦିନ ପର୍ଯ୍ୟନ୍ତ ସାଧାରଣ ଦର୍ଶନରେ ରୋକ ଲାଗାଯାଇଛି। କେବଳ ମନ୍ଦିର ପୂଜକମାନେ ଆସି ପୂଜା କରିବେ। ଶିବରାତ୍ରୀରେ ହେଉଥିବା ସ୍ୱତନ୍ତ୍ର ପୂଜା କରାଯିବ। ଏଥିପାଇଁ ଟ୍ରଷ୍ଟ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ପୂଜକମାନେ କୋଭିଡ୍ ଗାଇଡ୍ଲାଇନ ମାନିବାକୁ କୁହାଯାଇଛି। ଭକ୍ତମାନଙ୍କ ଭାବାବେଗରେ ଆଘାତ ଲାଗିଥିବାରୁ ମନ୍ଦିର ଟ୍ରଷ୍ଟ ପକ୍ଷରୁ ଦୁଃଖ ପ୍ରକାଶ କରାଯାଉଛି।

# ଚଣ୍ଡୀପାଠରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି

**ସମ୍ବଲପୁର,୩।୩(ବ୍ୟୁରୋ)**

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ମାନେଶ୍ୱର ଛକରେ ପଥେଇଦୁର୍ଗାଙ୍କ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ଉତ୍ସବ ବୁଧବାର ଉଦ୍ଯାପିତ ହୋଇଯାଇଛି। ଚଣ୍ଡୀପାଠ, ହୋମ ଯଜ୍ଞରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଆଖପାଖ ଅଞ୍ଚଳର ଭକ୍ତମାନଙ୍କ ଦିନତମାମ ସମାଗମ ହୋଇଥିଲା। ମଙ୍ଗଳବାର କଳସ ଶୋଭାଯାତ୍ରା ହୋଇ କଳସ ସ୍ଥାପନ ପରେ ପୂଜାବିଧି ଆରମ୍ଭ ହୋଇଥିଲା। ଅନ୍ତର୍ଯାମୀ ତ୍ରିପାଠୀ, ଶାନ୍ତି ସାହୁ, ସୁରେଶ ପୂଜାରୀ, ପ୍ରକାଶ ସାହୁ, ଜି. ଗାଙ୍ଗରାଜୁ, ସୀମାଞ୍ଚ ପାତ୍ର, ପ୍ରଦୀପ ମିଶ୍ର, ଜ୍ୟୋତିପ୍ରକାଶ ପ୍ରଧାନ, ମଣ୍ଟୁ ପ୍ରଧାନ, ରାଧାମୋହନ ପୂଜାରୀ, ସୁନୀଲ ସୁନାର ପ୍ରମୁ ସହଧର୍ମୀଣିମାନଙ୍କ ସହ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଡକରା ଗ୍ରାମର ଜଗଦୀଶ ଦାସ ଓ ତାଙ୍କ ସହଯୋଗୀ ପୁରୋହିତ କାର୍ଯ୍ୟ ସମ୍ପାଦନା କରିଥିଲେ। ଦୁଇଦିନ ଧରି ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା। ଆୟୋଜକ ମନ୍ଦିର କମିଟିର ପ୍ରମୋଦ ବିଶ୍ୱାଳ, ଜଗନ୍ନାଥ ଦିକ୍ଷିତ, ଯତୀନ୍ଦ୍ର ବାରକ,ଏସ୍ ନାଗେଶ୍ୱର ରାଓ, ଅନୀଲ ବର୍ମା, ରଞ୍ଜିତ ମେହେର, ମାନସ ପଣ୍ଡା, ପିଣ୍ଟୁ ହୋତା ପ୍ରମୁଖ ସହଯୋଗ କରିଥିଲେ। ଭକ୍ତମାନଙ୍କ ପାଇଁ ଅନ୍ନକୋଟ ଖୋଲା ଯାଇଥିଲା। ସଦର ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।


ପଥେଇଦୁର୍ଗା ମନ୍ଦିରରେ ଭକ୍ତମାନେ ।

**ପଥେଇଦୁର୍ଗାଙ୍କ ବିଗ୍ରହ, ମନ୍ଦିର ପ୍ରତିଷ୍ଠା ଉତ୍ସବ**

# କାର୍ଯ୍ୟରେ ଅବହେଳା, ରେଞ୍ଜର ନିଲମ୍ବିତ



**ସମ୍ବଲପୁର, ୩।୩ (ବ୍ୟୁରୋ)**

କାର୍ଯ୍ୟରେ ଅବହେଳା ଯୋଗୁ ସମ୍ବଲପୁର ବନଖଣ୍ଡ ସଦର ରେଞ୍ଜର ଗୌରୀ ଦାଶଙ୍କୁ ନିଲମ୍ବନ କରାଯାଇଛି। ସଦର ରେଞ୍ଜ ଅଧୀନରେ ପ୍ରାୟ ୫ ମାସ ଭିତରେ ୬ ହାତୀଙ୍କ ମୃତ୍ୟୁ ଘଟିଲାଣି। ଏହାକୁ ନେଇ ବିଭାଗ ପକ୍ଷରୁ ରିପୋର୍ଟ ତଲବ କରାଯାଇଥିଲା। ଡିଏଫ୍ଓ ସଞ୍ଜୀବ କୁମାରଙ୍କ ରିପୋର୍ଟ ଆଧାରରେ ରାଜ୍ୟ ସରକାର ମଙ୍ଗଳବାର ରେଞ୍ଜର ଦାଶଙ୍କୁ ନିଲମ୍ବନ କରିଛନ୍ତି।

# ଗଣ୍ଡା ସମାଜର ନୂତନ କର୍ମକର୍ତ୍ତା ଚୟନ

**ସମ୍ବଲପୁର, ୩।୩ (ବ୍ୟୁରୋ)**

ଗଣ୍ଡା ସମାଜ କଲ୍ୟାଣ ପରିଷଦ ବୁର୍ଲା ଶାଖାର ଏକ ବୈଠକ ଆଇନଜୀବୀ ଉଦୟନାଥ ସୁନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୨୦୨୦-୨୧ ମସିହା ଲାଗି ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ଜନ୍ମେଜୟ ବେହେରା ସଭାପତି ଓ ନୀଳାଞ୍ଚଳ ସୁନା ସମ୍ପାଦକ, ସୁନାରାମ ନନ୍ଦ ସହସମ୍ପାଦକ, କୃଷ୍ଣଚନ୍ଦ୍ର ବାଗ କୋଷାଧ୍ୟକ୍ଷ ମନୋନୀତ ହୋଇଛନ୍ତି। ସୁଧିର ତାଣ୍ଡି, ରଘୁନାଥ ପାଣିଗ୍ରାହୀ, ରବି ନାୟକ, ସାଧିଆ ମହାନନ୍ଦ, ବିଶ୍ୱମିତ୍ର ବାଗ, ସୁଧାଂଶୁ ନାୟକ, ମୁରଲୀ ମଣ୍ଡିକ, ବାବୁଲୁ ଛତ୍ରିଆ, ବାବୁଲୁ ଛୁରିଆ, ନକୁଳ ହରିପାଲ କାର୍ଯ୍ୟନିର୍ବାହୀ ସଦସ୍ୟ ରହିଛନ୍ତି। କୁନି ଛତ୍ରିଆ, ପୁରନ୍ଦର ସୁନା, ବନିଜା ହରିପାଲ, ଜିତୁ ସୁନା, ତ୍ରିନାଥ ମହାନନ୍ଦ ସାଂଗଠନିକ ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି।

# ମାଛ ବଜାରକୁ ବିରୋଧ କରି ହଟହଟା

**ବ୍ରଜରାଜନଗର,୩।୩(ଡି.ଏନ.ଏ.)**

ବ୍ରଜରାଜନଗର ସହରାଞ୍ଚଳର ଆଜାଦ୍ ଛକଠାରେ ପୌର ପ୍ରଶାସନ ତରଫରୁ ଅନୁମତିପ୍ରାପ୍ତ ମାଛ ବଜାରକୁ ଓପିଏମ୍ (ଓରିଏଣ୍ଟ ପେପର ମିଲ୍) କର୍ତ୍ତୃପକ୍ଷ ବିରୋଧ କରି ହଟହଟା ହୋଇଛନ୍ତି। ଅଞ୍ଚଳବାସୀଙ୍କ ବିରୋଧ ଓ ଜିଲା ପ୍ରଶାସନର ହସ୍ତକ୍ଷେପ ଫଳରେ ଓପିଏମ୍ ସିକ୍ୟୁରିଟି ଗାର୍ଡ ଫେରିଯାଇଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ ଦୀର୍ଘଦିନ ହେବ ବ୍ରଜରାଜନଗର ଅଞ୍ଚଳର ବିଭିନ୍ନ ଅଞ୍ଚଳରୁ ଶତାଧିକ ମାଛ ବ୍ୟବସାୟୀ ଆଜାଦ୍ ଛକରେ ମାଛ ବେପାର କରିଆସୁଥିଲେ। ଗତ ସୋମବାର ପୌର ନିର୍ବାହୀ ଅଧିକାରୀ ବିନୟ ପଟେଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉକ୍ତ ଜାଗାକୁ ମେଶିନ ଦ୍ୱାରା ସଫା କରାଇ ରୋଡ୍ଠାରୁ ୨୫ ମିଟର ଦୂରରେ ମାଛ ବ୍ୟବସାୟୀ ବସି ବେପାର କରିବାକୁ ଅନୁମତି ଦେଇଥିଲେ। ଉକ୍ତ ଜାଗା ସଫା ହୋଇସାରିବା ପରେ ଓପିଏମ୍ ସିକ୍ୟୁରିଟି ଇନ୍ଚାର୍ଜ ଗୌତମ ତ୍ରିପାଠୀ ତାଙ୍କ ଗାର୍ଡ ପଠାଇ ମାଛ ବେପାରୀଙ୍କୁ ସେଠାରେ ବସିବାକୁ ବାରଣ କରିଥିଲେ। ଏପରି କି ମାଛ ବେପାରୀଙ୍କଠାରୁ ମାସିକ ଚାନ୍ଦା ଆଦାୟ କରିବାକୁ କହିଥିଲେ। ତେବେ ଘଟଣାସ୍ଥଳରେ ସାମାଜିକ କର୍ମୀ ରବି ସୋନୀ, ଜୀବନ ସାର୍ଥକ ଦାସ, ବିଜେଡି ନେତା ବିଶ୍ୱନାଥ ନାୟକ ପ୍ରମୁଖ ପହଞ୍ଚି ଗାର୍ଡମାନଙ୍କୁ ବିରୋଧ କରିଥିଲେ। ପରେ ଥାନା ଅଧିକାରିଣୀ ନଳିତା ମୋଦି ପହଞ୍ଚି ଗାର୍ଡମାନଙ୍କୁ ତୁରନ୍ତ ଚାଲିଯିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଆପୋସ ସମାଧାନ ପରେ ମାଛ ବେପାରୀ ସେମାନଙ୍କ ଜାଗା ଫେରି ପାଇଥିଲେ।

# ବଜରଙ୍ଗ କ୍ରିକେଟ କପ୍: ବଜରଙ୍ଗ ବିଜୟୀ

**ଦେବଗଡ,୩।୩(ଡ଼ି.ଏନ୍.ଏ.)**

ଦେବଗଡ ପୌରାଞ୍ଚଳର ମହୁଲଡିପାସାହିସ୍ଥିତ ନାଳ ପଡିଆଠାରେ ଚାଲିଥିବା ମହାବୀର କ୍ରିକେଟ କ୍ଲବ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ବଜରଙ୍ଗ କ୍ରିକେଟ କ୍ଲବ ପୁଲ'ବି'ର ପ୍ରଥମ ମ୍ୟାଚ ବଜରଙ୍ଗ କ୍ରିକେଟ କ୍ଲବ ଦେବଗଡ଼ ଓ ନିୟୁ-୧୧ ଦେବଗଡ଼ ମଧ୍ୟରେ ବୁଧବାର ଅନୁଷ୍ଠିତ ହୋଇଥିଲା । ଏଥିରେ ନିୟୁ-୧୧ କ୍ରିକେଟ କ୍ଲବ ଟସ୍ ଜିଣି ପ୍ରଥମେ ବ୍ୟାଟିଂର ନିଷ୍ପତି ନେଇଥିଲା। ୨୦ ଓଭରରେ ୬ ଉଇକେଟ ହରାଇ ୧୭୧ ରନ୍ କରିଥିଲା । ଏହାର ଜବାବରେ ବଜରଙ୍ଗ କ୍ରିକେଟ କ୍ଲବ ୧୯.୪ ଓଭରରେ ୭ ଉଇକେଟ ହରାଇ ୧୭୪ରନ୍ ସଂଗ୍ରହ କରି ପୁଲ 'ବି'ର ପ୍ରଥମ ମ୍ୟାଚ୍ରେ ବିଜୟୀ ହୋଇଛି। ଅମ୍ପାୟାର ଭାରତ ଚନ୍ଦ୍ର ସାହୁ ଏବଂ ପ୍ରଶାନ୍ତ ଦେବ ଖେଳ ପରିଚାଳନା କରିଥିବାବେଳେ ପ୍ରିତମ କୁମାର ବେହେରା ଧାରାବିବରଣୀ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଭାବେ ପୂର୍ବତନ କ୍ରିକେଟ ଖେଳାଳି ଶୁଶାନ୍ତ କୁମାର ନନ୍ଦ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ମ୍ୟାନ ଅଫ୍ ଦି ମ୍ୟାଚ୍ ବଜରଙ୍ଗ କ୍ରିକେଟ ଦଳର ପଞ୍ଚାନନ ଆଚାର୍ଯ୍ୟ ଓ ସୁଜିତ ନାଏକ ହୋଇଥିଲେ। କ୍ଲବର ସଭାପତି କାର୍ତ୍ତିକ ମହାକୁଳ, ମଦନ ମୋହନ ଦାଶ,ସୌମ୍ୟକାନ୍ତ ପ୍ରଧାନ, ସିପୁନ ଭଞ୍ଜ, ସନା, ତନ୍ମୟ ଘୋଷ, ସଞ୍ଜୟ ବାରିକ, ବୁଲା ସାହୁ, ମଙ୍ଗଳୁଚରଣ ଦେବ, ଛବିଳ ଦଣ୍ଡିଆ ପ୍ରମୁଖ ସହଯୋଗ କରିଥିଲେ । ଗୁରୁବାର ପୁଲ 'ବି'ର କ୍ୱାଟର ଫାଇନାଲ ମ୍ୟାଚ୍ ବଜରଙ୍ଗ କ୍ରିକେଟ କ୍ଲବ, ଦେବଗଡ଼ ଓ ମାରୁତି କ୍ରିମେଟ କ୍ଲବ ରାଉରକେଲା ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ତରଫରୁ ସୂଚନା ଦିଆଯାଇଛି।



ବଜରଙ୍ଗ କ୍ରିକେଟ କ୍ଲବ ପୁଲ'ବି'ର ପ୍ରଥମ ମ୍ୟାଚରେ ଅତିଥିଙ୍କ ସହ ଖେଳାଳି।

# କୃଷି ବିଭାଗ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

**ସୁନ୍ଦରଗଡ଼, ୩।୩ (ଡି.ଏନ୍.ଏ )**

କୃଷି ଓ କୃଷକ ସଶକ୍ତିକରଣ ବିଭାଗ ସୁନ୍ଦରଗଡ ତରଫରୁ ରାଜ୍ୟ ଯୋଜନା ୨୦୨୦ -୨୧ ଖରିଫ ଏବଂ ରବିଋତୁ ପାଇଁ ସୁନ୍ଦରଗଡ ସଦର, ସବ୍ଡ଼େଗା ଓ ବାଲିଶଙ୍କରା ବ୍ଲକର ୧୪୭ଜଣ ସହାୟକ, ସମ୍ପ୍ରସାରଣ କର୍ମୀମାନଙ୍କର ୨ଦିନିଆ ସଚେତନତା କାର୍ଯ୍ୟକ୍ରମ ସଦର ବ୍ଲକର ସହକାରୀ କୃଷି ଫାର୍ମଠାରେ ବୁଧବାର ଆୟୋଜନ କରାଯାଇଛି। ସୁନ୍ଦରଗଡ଼ ମୁଖ୍ୟ ଜିଲା କୃଷି ଅଧିକାରୀ ଲକ୍ଷ୍ମୀନାରାୟଣ ଦାଶ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ। କୃଷି ଜିଲା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସାହୁ ଶିବିରର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବୈଷୟିକ ଆଲୋଚନାରେ କୃଷିବିଜ୍ଞାନ କେନ୍ଦ୍ର କିରେଇର ବୈଜ୍ଞାନିକ ଡ. ସତ୍ୟମୟ ଶତପଥୀ ଖରିଫ ଏବଂ ରବି ଋତୁରେ ଡାଲି, ତୈଳବୀଜ ଫସଲ ଚାଷ ପଦ୍ଧତି ପରିଚାଳନା ସମ୍ପର୍କରେ ଆଲୋଚନା କରିଥିଲେ। ସହକାରୀ କୃଷି ଅଧିକାରୀ ଦ୍ୱିଜବର ସେଠୀ, ଜାତୀୟ ଖାଦ୍ୟନିରାପତ୍ତା ମିଶନ, ପରମ୍ପରାଗତ କୃଷି, ମିଲେଟ ମିଶନର କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା କରିଥିଲେ। ଆତ୍ମାର ଡିପିଡି ନରସିଂହ ବେହେରା, ମୃତ୍ତିକା ପରୀକ୍ଷା ବିଶାରଦ ଅରୁଣ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଦ୍ୱିପ୍ରହରରେ ଲୁଟି ନେଲେ ମୋବାଇଲ, ମନିପର୍ସ

**କୁତ୍ରା, ୩।୩ (ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା କୁତ୍ରା ଥାନା ଦେଇ ଯାଇଥିବା ୧୦ ନମ୍ବର ରାଜ୍ୟ ରାଜପଥରେ ଲୁଟେରାଙ୍କ ପ୍ରଭାବ ବଢ଼ିବାରେ ଲାଗିଛି। ବୁଧବାର ସକାଳ ୯ଟାରେ ନମିତା ଲାକ୍ରା ନାମକ ଝିଅ ଡାଲମିଆ କଲେଜରୁ କ୍ଲାସ ସାରି କୁତ୍ରାକୁ କମ୍ପ୍ୟୁଟର ଶିଖିବା ପାଇଁ ସାଇକେଲରେ ଆସୁଥିଲେ। ଏହି ସମୟରେ କୁତ୍ରା ଛକରୁ ୫୦୦ ମିଟର ଦୂରରେ ରାଜଗାଙ୍ଗପୁର ପଟରୁ ଏକ ବାଇକ ଓଡି ୧୬ ଏଫ୍- ୯୦୨୫ରେ ଦୁଇ ଜଣ ଦୁର୍ବୃତ୍ତ ଆସି ପର୍ଶ ଓ ମୋବାଇଲ ଲୁଟି ନେଇଥିଲେ। ସେହି ସମୟରେ ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ଝାନପାଲି ଗ୍ରାମର ଜୟରାମ ଟପ୍ପୋ କାରରେ ଯାଉଥିବାବେଳେ ଲୁଟ୍ ଘଟଣା ଦେଖି ଲୁଟେରାମାନଙ୍କୁ ପିଛା କରିଥିଲେ। ଲୁଟେରାମାନେ ପିଛା କରୁଥିବା ଦେଖି ପର୍ଶକୁ ଫିଙ୍ଗି ଚାଲିଯାଇଥିଲେ। ଜୟରାମ ଟପ୍ପୋ ପର୍ଶଟିକୁ ନେଇ ନମିତା ଲାକ୍ରାଙ୍କୁ ଫେରେଇ ଦେଇଥିଲେ। ଜୟରାମଙ୍କ ଏଭଳି ମହାନ କାମ ପାଇଁ ସାଧାରଣରେ ପ୍ରଶଂସା କରାଯାଉଛି। ସେହିପରି ଅନୁରୂପ ଭାବରେ ଅନ୍ୟ ଏକ ଘଟଣା କୁତ୍ରା ଛକରେ ଦେଖିବାକୁ ମିଳିଛି। ଜୟନ୍ତୀ ଟେଟେ ନାମକ ଅନ୍ୟ ଜଣେ ଝିଅ କମ୍ପ୍ୟୁଟର ଶିଖିବା ପାଇଁ ଯାଉଥିବା ସମୟରେ ସେହି ବାଇକ୍ ଓଡି ୧୬ ଏଫ- ୯୦୨୫ରେ ଆସି ପର୍ଶ ଓ ମୋବାଇଲ ଲୁଟି ନେଇଥିଲେ। ଏହାକୁ ନେଇ କୁତ୍ରା ଥାନାରେ ଏକ କେଶ ରୁଜୁ କରାଯାଇଛି। ଦିନକୁ ଦିନ କୁତ୍ରା, ରାଜଗାଙ୍ଗପୁର ଓ ବଡ଼ଗାଁ ଥାନା ଅଞ୍ଚଳର ଚୋରି ଓ ଲୁଟ୍ ଘଟଣା ବଢ଼ିବାରେ ଲାଗିଛି। ଦୁଇ ଦିନ ତଳେ ବଡ଼ଗାଁ ଥାନାଠାରୁ ୫୦୦ ମିଟର ଦୂରରେ ଏକ ସୁନା ଦୋକାନୀ ଉପରେ ଗୁଳିମାଡ କରି ସୁନା ବେଗ୍ ଲୁଟି ନେଇଥିଲେ। ଦିନକୁ ଦିନ ଚୋରି ଓ ଲୁଟ ଘଟଣା ବଢ଼ିଚାଲିଥିବାରୁ ପୋଲିସ ପକ୍ଷରୁ ପାଟ୍ରୋଲିଂ କଡାକଡି ଭାବରେ କରିବା ସହିତ ଜିଲା ପୋଲିସ ଅଧିକାରୀ ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହେଉଛି।

# ଖୁବ୍ଶୀଘ୍ର କାର୍ଯ୍ୟ ଆରମ୍ଭ ହେବ: ଡିଆର୍ଏମ୍

**ଝାରସୁଗୁଡ଼ା ଅଫିସ୍,୩।୩**

ବହୁ ପୁରାତନ ଝାରସୁଗୁଡ଼ା ରେଳଷ୍ଟେଶନର ବିକାଶ ନେଇ ସ୍ଥାନୀୟ ବିଧାୟକ ତଥା ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ଦୀର୍ଘଦିନ ହେଲା ରେଳୱେ ନିକଟରେ ଦାବି କରିଆସୁଛନ୍ତି। ଝାରସୁଗୁଡା ସର୍କିଟ୍ ହାଉସ୍ରେ ବୁଧବାର ମନ୍ତ୍ରୀ ଦାସଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବରଗଡ଼ ଏମ୍ପି ସୁରେଶ ପୂଜାରୀ, ଚକ୍ରଧରପୁର ରେଳ ଡିଭିଜନ ଡିଆର୍ଏମ୍ ବିଜୟ ସାହୁ, କଲିକତା ଦକ୍ଷିଣପୂର୍ବ ରେଳପଥ ମୁଖ୍ୟଯନ୍ତ୍ରୀ, ଜିଲାପାଳ ସରୋଜ କୁମାର ସାମଲ, ଏସ୍ପି ବିକାଶ ଚନ୍ଦ୍ର ଦାସ, ଉପଜିଲାପାଳ ଶିବ ଟପ୍ପୋ ପ୍ରମୁଖ ଯୋଗଦେଇଥିଲେ। ସ୍ଥାନୀୟ ବୁଦ୍ଧିଜୀବୀଙ୍କ ମଧ୍ୟରେ ତାପସ ରାୟ ଚୌଧୁରୀ, ସନ୍ଦିପ ଅଗସ୍ତୀ, ହରିଶ ଗଣୋତ୍ରା, ରଘୁମଣି ପଟେଲ, ଟହଲୁ ସାହୁ, ବେଣୁ ଗୋପାଳ ପାଣିଗ୍ରାହୀ, ପ୍ରତାପ ନନ୍ଦ, ଜଗନ୍ନାଥ ଜେନା ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ସମସ୍ୟା ଉପସ୍ଥାପନ କରିଥିଲେ। ସେମାନେ ଦର୍ଶାଇଥିଲେ, ଝାରସୁଗୁଡ଼ା ପୌରାଞ୍ଚଳର ୨୩ ଓ ୨୪ନଂ. ୱାର୍ଡ ରେଲୱେ ଅଧୀନରେ ରହିଥିବାରୁ ପୌରାଞ୍ଚଳ ତରଫରୁ ହେଉଥିବା ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହେଉଛି। ଏ ଦିଗରେ ରେଳ ବିଭାଗ ଅନୁମତି ପ୍ରଦାନ କରିବା ଆବଶ୍ୟକ। ସେହିପରି ଚୌକିପଡ଼ା ଓଭରବ୍ରିଜ୍ ଓ ଘନଶ୍ୟାମ ହେମଲତା ଆର୍ଓବି ନିର୍ମାଣ, ରେଳଷ୍ଟେଶନ ପଛଦ୍ୱାର ମୁଖଶାଳା ନିର୍ମାଣ, ନୂତନ ରେଳବାଇ ସାଇଡିଂ ନିର୍ମାଣ, ଗୋଦାମ ଗୃହ ନିର୍ମାଣ ଓ ପୁରୁଣା ବସ୍ଷ୍ଟାଣ୍ଡ ଜମି ନବୀକରଣ ପାଇଁ ଦାବି କରିଥିଲେ। ଏସବୁ ଦାବି ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ପୂରଣ କରିବା ପାଇଁ ଡିଆର୍ଏମ୍ ସାହୁ ସହମତି ପ୍ରକାଶ କରିଥିଲେ। ସ୍ୱାସ୍ଥ୍ୟମନ୍ତ୍ରୀ ଦାସ କହିଛନ୍ତି, ଝାରସୁଗୁଡ଼ା ରେଳଷ୍ଟେଶନ ଉନ୍ନତୀକରଣ ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ଏ ନେଇ ଜିଲା ପ୍ରଶାସନ ଓ ରେଳ କର୍ତ୍ତୃପକ୍ଷଙ୍କୁ ନେଇ ଖୁବ୍ଶୀଘ୍ର ବୈଠକ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ଏମ୍ପି ପୂଜାରୀ କହିଥିଲେ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ଏହି ରେଳ ଷ୍ଟେଶନର ଉନ୍ନତୀକରଣ ହୋଇପାରିବ।



ସମୀକ୍ଷା ବୈଠକରେ ଉପସ୍ଥିତ ଜନପ୍ରତିନିଧି ଓ ଅଧିକାରୀମାନେ।

**ଝାରସୁଗୁଡ଼ା ରେଳଷ୍ଟେଶନ ବିକାଶ ନେଇ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସମୀକ୍ଷା**

## ବିପଦ ସଙ୍କୁଳରେ ଶୈବପୀଠ ରାସ୍ତା

ଖଡିଆଳ,(ଡି.ଏନ.ଏ.): ନୂଆପଡା ଜିଲା ଖଡିଆଳସ୍ଥିତ ଭୁବନେଶ୍ୱର ଶିବ ମନ୍ଦିର ହେଉଛି ସର୍ବପୁରାତନ। ଏହି ମନ୍ଦିରକୁ ପ୍ରତ୍ୟେକ ଦିନ ଶହ ଶହ ଭକ୍ତ ପୂଜା ପାଇଁ ଆସିଥାନ୍ତି। କିନ୍ତୁ ମନ୍ଦିର ଯିବାକୁ ଥିବା ରାସ୍ତା ବିପଦ ସଙ୍କୁଳ ଅବସ୍ଥାରେ ରହିଥିବାରୁ ଭକ୍ତଙ୍କୁ ଅନେକ ସମୟରେ ଦୁର୍ଘଟଣାର ଶିକାର ହେବାକୁ ପଡୁଛି। ଏ ନେଇ ୱାର୍ଡ ନମ୍ବର ୯, ୧୦, ୧୧, ୧୨ ସମେତ ଖଡିଆଳ ନାଗରିକମାନେ ଅଭିଯୋଗ କରିବା ସତ୍ତ୍ୱେ ଏପର୍ଯ୍ୟନ୍ତ କୌଣସି ସମାଧାନ ହୋଇନାହିଁ। ଆଗକୁ ଶିବରାତ୍ରି ହେବାକୁ ଥିବା ବେଳେ ଏହି ରାସ୍ତାରେ ଆଲୁଅ ସେବା ମଧ ନାହିଁ। ଫଳରେ ରାସ୍ତା ସମ୍ପୂର୍ଣ୍ଣ ଅନ୍ଧାରମୟ ହୋଇଥାଏ। ଏଥିପ୍ରତି ବିଜ୍ଞାପିତ ଅଞ୍ଚଳ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ରାସ୍ତାର ଆଲୁଅ ଏବଂ ପୋଲ ନିର୍ମାଣ କରିବାକୁ ଖଡିଆଳ ନଗରବାସୀ ଦାବି କରିଛନ୍ତି।

# ପାଣି ପାଇଁ ଲମ୍ବାଲାଇନ

ନୂଆପଡା ଅଫିସ୍, ୩।୩

ନୂଆପଡା ସଦର ବ୍ଲକ କେନ୍ଦୁବାହାରା ପଞ୍ଚାୟତ ଶିରିଗିଡି ଗାଁରେ ଗ୍ରୀଷ୍ମ ଆରମ୍ଭରୁ ପାନୀୟ ଜଳ ସମସ୍ୟା ଦେଖାଦେଲାଣି। ଆଦିବାସୀ ଅଧ୍ୟୁଷିତ ଏହି ଗାଁରେ ସବୁ ଦିନ ପାଣି ପାଇଁ ଲୋକଙ୍କୁ ହଇରାଣ ହେବାକୁ ପଡୁଛି। ଜିଲା ସଦର ମହକୁମାଠାରୁ ୩୦ କି.ମି. ଦୂର ଛତିଶଗଡ ସୀମାନ୍ତବର୍ତ୍ତୀ ମାଓବାଦୀପ୍ରବଣ ଏହି ଗାଁରେ ୫୦୦ରୁ ଊର୍ଦ୍ଧ୍ୱ ଲୋକେ ବାସ କରନ୍ତି। ଗ୍ରାମବାସୀଙ୍କୁ ବିଶୁଦ୍ଧ ଓ ନିରନ୍ତର ଜଳ ଯୋଗାଣ ପାଇଁ ଦୁଇବର୍ଷ ତଳେ ଏକ ଜଳ ପ୍ରକଳ୍ପ କାମ ଆରମ୍ଭ ହୋଇଥିଲା। ବିଭାଗୀୟ ଅଧିକାରୀଙ୍କ ଉଦାସୀନତା ଯୋଗୁ ଏହି ପ୍ରକଳ୍ପ ଏବେ ଫେଲ ମାରିଛି। ପ୍ରକଳ୍ପର ଡଗୱେଲରେ ପାଣି ଆସୁ ନାହିଁ। ଓଭରହେଡ ଟାଙ୍କି କାମ ନିମ୍ନମାନର ହୋଇଥିବାରୁ ଏଥିରୁ ପାଣି ଝରୁଛି। ବର୍ତ୍ତମାନ ସୁଦ୍ଧା ଗ୍ରାମବାସୀ ପ୍ରକଳ୍ପରୁ ପାଣି ପାଇନାହାନ୍ତି। ୨ ବର୍ଷ ହେବ ପ୍ରକଳ୍ପରୁ ପାଣି ବୁନ୍ଦାଏ ପାଇବା ପାଇଁ ଗ୍ରାମବାସୀ ଅପେକ୍ଷାରେ ଥିବାବେଳେ ଷ୍ଟାଣ୍ଡପୋଷ୍ଟରେ ପାଣି ଆସିବା ପୂର୍ବରୁ ଏହା ଭାଙ୍ଗିରୁଜି ଗଲାଣି। କିଛି ଦିନ ତଳେ ବିଭାଗୀୟ ଅଧିକାରୀମାନେ ଆସି କେନ୍ଦୁବାହାରା ପଞ୍ଚାୟତକୁ ଅଚଳ ପ୍ରକଳ୍ପ ହସ୍ତାନ୍ତର କରି କାମ ସାରିଦେଇଛନ୍ତି। ଅଚଳ ପ୍ରକଳ୍ପକୁ ପଞ୍ଚାୟତ କର୍ତ୍ତୃପକ୍ଷ କିଭଳି ଗ୍ରହଣ କଲେ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି।

ଗାଁର ମୁଖ୍ୟବସ୍ତି ଓ ତରିଆପଡାରେ ପାନୀୟ ଜଳ ପାଇଁ ୫ଟି ନଳକୂପ ରହିଛି। ସେଥିରୁ ୨ଟି ଅଚଳ। ବାକି ୩ଟି ନଳକୂଅରୁ କମ୍ ପାଣି ବାହାରୁଛି। ପାଣି ପାଇଁ ମହିଳାମାନେ ଘଣ୍ଟାଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଛି। ଅଧାରାତିରୁ ଯାଇ ପାଣି ପାଇଁ ଲମ୍ବା ଧାଡିରେ ଛିଡା ହେଲେ ଗରାଏ ପାଣି ମିଳୁଛି। ନଳକୂଅରୁ ପାଣି ନ ମିଳିଲେ ମହିଳାମାନେ ଖୋଲାକୂଅରୁ ପାଣି ସଂଗ୍ରହ କରୁଛନ୍ତି। ଏବେ ଓଭରହେଡ ଟାଙ୍କିରୁ ପାଣି ପାଇବା ଆଶା ଏବେ ନିରାଶା କରିଦେଇଛି। ପ୍ରକଳ୍ପ କାର୍ଯ୍ୟକ୍ଷମ ପାଇଁ ଅନେକ ଥର ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ଜଳ ଯୋଗାଣ ପ୍ରକଳ୍ପକୁ ମରାମତି କରି ଗାଁ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ପାଇଁ ଜିଲା ପ୍ରଶାସନଠାରେ ଦାବି ହେଉଛି।


ପାଣି ପାଇଁ ମହିଳାମାନେ ନଳକୂପ ପାଖରେ ଧାଡ଼ିରେ ଛିଡ଼ା ହୋଇଛନ୍ତି ।

**ସୀମାନ୍ତ ଗାଁ ଶିରିଗିଡ଼ିରେ ଉତ୍କଟ ପାନୀୟ ଜଳ ସମସ୍ୟା**
- ୫ ନଳକୂପରୁ ୨ ଅଚଳ
- ଓଭରହେଡ ଟାଙ୍କିରୁ ପାଣି ଝରୁଛି
- ଫେଲ୍ ମାରିଛି ଜଳଯୋଗାଣ ପ୍ରକଳ୍ପ

## ସଂକ୍ଷେପରେ

### ବିଦ୍ୟୁତ୍ ଖୁଣ୍ଟରେ ଲାଗିଲା ମାଲ୍ ବୋଝେଇ ଟ୍ରକ୍



ଲାଠୋର, ୩।୨(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ମୁଖ୍ୟ ରାସ୍ତାର ନୋଡାଲ ବିଦ୍ୟାଳୟ ନିକଟରେ ବୁଧବାର ସକାଳେ ଏକ ମାଲ ବୋଝେଇ ଟ୍ରକ ଅତିକ୍ରମ କଲାବେଳେ ରାସ୍ତାପାର୍ଶ୍ୱକୁ ଢଳି କରି ରହିଥିବା ବିଦ୍ୟୁତ୍ ଖୁଣ୍ଟରେ ଲାଗି ଯାଇଥିଲା। ଓଭର ଲୋଡେଡ ଟ୍ରକ ସଂସ୍ପର୍ଶରେ ଆସି ଯିବା ଫଳରେ ତାର ଛିଣ୍ଡି ନିକଟରେ ଥିବା ଦୋକାନ ଛାତ ଉପରେ ପଡିଥିଲା। ତାର ଛିଣ୍ଡି ନିଆଁ ବାହାରିଥିଲେ ମଧ କୌଣସି କ୍ଷୟକ୍ଷତି ଘଟିନାହିଁ। ଖବର ପାଇ ବିଦ୍ୟୁତ୍ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ମରାମତି କରିବା ପରେ ବିଦ୍ୟୁତ୍ ସରବରାହ ସ୍ୱାଭାବିକ ହୋଇଥିଲା। ଲାଠୋର ଗ୍ରାମର ମୁଖ୍ୟ ରାସ୍ତା ତଥା ବିଭିନ୍ନ ପଡାରେ ଥିବା ଲୁହାଖୁଣ୍ଟ ଅତି ପୁରୁଣା ହୋଇ ଥିବା ଯୋଗୁଁ କଳଙ୍କି ଲାଗି ରାସ୍ତାକୁ ଝୁଲି ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। କେତେବେଳେ ଯେ ଖସିପଡି ଧନ ଜୀବନ କ୍ଷତି ଘଟାଇବ କହିହେବ ନାହିଁ। ବିଦ୍ୟୁତ୍ ବିଭାଗ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ଯୋଗୁଁ ଏହିପରିସ୍ଥିତି ସୃଷ୍ଟି ହେଉଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି।

### ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କୁ ସହାୟକ ଉପକରଣ ବଣ୍ଟନ

ଖପ୍ରାଖୋଲ, ୩।୩ (ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟ ପରିସରରେ ସ୍ୱାମୀ ବିବେକାନନ୍ଦ ନିରତାର ଓଲଟପୁର ଓ ସମଗ୍ର ଶିକ୍ଷା ବଲାଙ୍ଗୀରର ମିଳିତ ଆନୁକୂଲ୍ୟାରେ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କୁ ବୁଧବାର ସହାୟକ ଉପକରଣ ବଣ୍ଟନ କରାଯାଇଛି। ମୁଖ୍ୟ ଅତିଥିଭାବେ ଜିଲା ଶିକ୍ଷାଧିକାରୀ ଧ୍ରୁବଚରଣ ବେହେରା, ସମ୍ମାନିତ ଅତିଥି ବ୍ଲକ ଶିକ୍ଷାଧିକାରୀ ଷଷ୍ଠି ଛାଙ୍କର, ଜିଲା ଆଇ.ଇ କୋଅର୍ଡିନେଟର ପ୍ରଶାନ୍ତ ସରାଫ, ନିରତାର ଡାକ୍ତର ସୁରେନ୍ଦ୍ର ଭୋଇ, ଡାକ୍ତର ଶୁଭଶ୍ରୀ ମିଶ୍ର, ଡାକ୍ତର ରୀତା ପଣ୍ଡା, ଡାକ୍ତର ରାଜକିଶୋର ସାହୁ ପ୍ରମୁଖ ଯୋଗଦେଇଥିଲେ। ପୂର୍ବରୁ ଚିହ୍ନଟ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ଉପକରଣ ପ୍ରଦାନ କରିଥିଲେ। ସେଥିମଧ୍ୟରୁ ଏମଏସଆଇଇଡି କିଟ ୨୧ଟି, ହୁଇଲ ଚେୟାର ୭ଟି, ଟ୍ରାଇ ସାଇକେଲ ୨ଟି, ଶ୍ରବଣ ଯନ୍ତ୍ର ୧୮ଟି, ସ୍ମାର୍ଟଫୋନ ଗୋଟିଏ, ବ୍ରେଲି କିଟ ୮ଟି ମୋଟ ୯୦ ଜଣଙ୍କୁ ବିଭିନ୍ନ ଉପକରଣ ବଣ୍ଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏବିଇଓ ବୀରେନ୍ଦ୍ର ସାହୁ, ବିଆରଟି କୋଅର୍ଡିନେଟର ଗୋକୁଳ ମେହେର, ଗୋପୀନାଥ ସାହୁ, ନମତା ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ କୁଞ୍ଜବିହାରୀ ସରାଫ ପରିଚାଳନା କରିଥିଲେ।

### ଅବସରପ୍ରାପ୍ତ ଶିକ୍ଷକଙ୍କ ସମାବେଶ

ଅତାବିରା, ୩।୩ (ଡି.ଏନ.ଏ.): ଶିକ୍ଷକମାନଙ୍କ ପ୍ରତି ସମାଜର ମନୋଭାବ ବଦଳି ଯାଉଛି। ଅତୀତର ସମ୍ମାନ ଆଉ ମିଳୁନାହିଁ। ପୂର୍ବ ସମ୍ମାନ ଫେରାଇ ଆଣିବା ପାଇଁ ଶିକ୍ଷକମାନେ ସମାଜର ଉନ୍ନତିମୂଳକ କାମରେ ସାମିଲ ହୋଇ ଅଭିଭାବକ ଓ ସମାଜର ଆସ୍ଥା ସୃଷ୍ଟି କରାଇବାର ଆବଶ୍ୟକତା ରହିଛି ବୋଲି ଅତାବିରା ବ୍ଲକ ଅବସରପ୍ରାପ୍ତ ଶିକ୍ଷକଙ୍କ ସମାବେଶରେ ବକ୍ତାମାନେ ମତପ୍ରକାଶ କରିଛନ୍ତି। ବ୍ଲକ ପ୍ରାଥମିକ ଶିକ୍ଷକ ଭବନଠାରେ ଅନୁଷ୍ଠିତ ସମାବେଶରେ ସଂଘ ସଭାପତି ବେଣୁଧର ମିଶ୍ର ଅଧକ୍ଷତା କରିଥିଲେ। ଏଥିରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅଧାପକ ଜୟରାଜ ପ୍ରଧାନ ମୁଖ୍ୟବକ୍ତା, କଳାପାଣି ମହାବିଦ୍ୟାଳୟ ଅଧକ୍ଷକ ମୋହନ ସାହୁ ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ଅବସରପ୍ରାପ୍ତ ସ୍କୁଲ ପରିଦର୍ଶକ ଯାଗେଶ୍ୱର ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ୧୮ଜଣ ଶିକ୍ଷକଙ୍କୁ ସମ୍ମାନୀତ କରାଯାଇଥିଲା। କୁଞ୍ଜବିହାରୀ ତ୍ରିପାଠୀ, ପାନବୁଡି ପ୍ରଧାନ, ନାଭିଦତ୍ତ ବୁଡେକ, ତେଜରାଜ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ମାଙ୍ଗୁଲୁ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ଜଳିଗଲା ପଥପାର୍ଶ୍ୱ ବନୀକରଣ ଗଛ

ଲୋଇସିଂହା, ୩।୩(ଡି.ଏନ.ଏ)

ଲୋଇସିଂହା ରେଞ୍ଜ ପକ୍ଷରୁ ଯୋଗୀସର୍ଡା କଲେଜ ଛକରୁ ବାଦିବାହାଲ ରାସ୍ତା ପାର୍ଶ୍ୱରେ ଲଗାଯାଇଥିବା ଗଛ ଜଳି ଯାଇଛି। ଏମଜିଏନଆରଇଜିଏସରେ ବ୍ଲକ ଓ ବନ ବିଭାଗ ପକ୍ଷରୁ ପଥପାର୍ଶ୍ୱ ବନୀକରଣ କାର୍ଯ୍ୟକୁ ହାତକୁ ନିଆଯାଉଛି। ଏହିକ୍ରମରେ ଯୋଗୀସର୍ଡା କଲେଜ ଛକରୁ ବାଦିବାହାଲ ରାସ୍ତାର ଉଭୟ ପାର୍ଶ୍ୱରେ ଗତବର୍ଷ ବର୍ଷାଋତୁରେ ଗଛ ଲଗାଯାଇଛି। ଗଛର ସୁରକ୍ଷା ପାଇଁ ବାଉଁଶ ଓ ନେଟ ଘେରାଦେଇ ସୁରକ୍ଷା ଦିଆଯାଇଥିଲା । ହେଲେ ସୋମବାର ଉକ୍ତ ରାସ୍ତାର ଉଭୟ ପାର୍ଶ୍ୱରେ କେହି ନିଆଁ ଲଗାଇ ଦେଇଥିଲେ। ଶୁଖିଲା ଘାସରେ ନିଆଁ ଲାଗି ବନୀକରଣ ଗଛ ଓ ଘେରା ଜାଲ ଓ ବାଉଁଶ ମଧ୍ୟ ଆଦି ପୋଡି ଯାଇଛି। ସ୍ଥାନୀୟ ଫରେଷ୍ଟର ଦିଲୀପ କୁମାର ପଧାନଙ୍କୁ ପଚାରିବାରୁ ସ୍ଥାନୀୟ ଲୋକେ ନିଆଁ ଲଗାଇଥାଇ ପାରନ୍ତି। ତେବେ ଏପରି ହୋଇଥିବା ମୋ ନଜରକୁ ଆସିନାହିଁ। ତଦାରଖ ପାଇଁ ନିୟୋଜିତ କର୍ମଚାରୀଙ୍କଠାରୁ ଖବର ସଂଗ୍ରହ ପରେ ତଥ୍ୟ ମିଳି ପାରିବ ବୋଲି ସେ କହିଥିଲେ।

## ସଂଗଠନ ସୁଦୃଢ଼ କରିବାକୁ ଆହ୍ୱାନ

**ଯାଦବ ସମାଜର ସଭା, କର୍ମକର୍ତ୍ତା ନିର୍ବାଚନ**

ବରଗଡ଼ ଅଫିସ୍,୩।୩

ବରଗଡ଼ ଜିଲା ବିଜେପୁର ଏନଏସି ଅଧିନ କନ୍ଦରାଠାରେ ବ୍ଲକ, ଏନଏସିସ୍ତରୀୟ ଯାଦବ ସାଂସ୍କୃତିକ ସମାଜର ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବ୍ଲକ, ଏନଏସି ସ୍ତରୀୟ ଯାଦବ ସାଂସ୍କୃତିକ ସମାଜର କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା। ବିଜେପୁର ବ୍ଲକ କମିଟିରେ ଝସକେତନ ବଗର୍ତ୍ତୀ ସଭାପତି, ଟିକମଣି ସାଲମା, ବୀରେନ୍ଦ୍ର ବାଗ, ଚୈତନ୍ୟ ଭୋଇ, ଡୋଲାମଣି କାଲସେ, ଧନପତି ବଗର୍ତ୍ତୀ ଉପସଭାପତି, ମାଷ୍ଟର ବାଗ ସମ୍ପାଦକ, ସନ୍ତୋଷ ବିଶି, ଶ୍ୟାମସୁନ୍ଦର ଜାଲ, ଲକ୍ଷ ନାଏକ ସହସମ୍ପାଦକ, ରାମପ୍ରସାଦ ବାଗ କୋଷାଧ୍ୟକ୍ଷ, ବୁଦ୍ଧଦେବ ବାଙ୍କ ସହକୋଷାଧ୍ୟକ୍ଷ, କୃଷ୍ଣଚନ୍ଦ୍ର ବାଗ ଆଇନ ପରାମର୍ଶଦାତା, ଦିଲୀପ ପୋଢ଼ ଯୁବ ଯାଦବ ସଭାପତି, ଚୈତନ୍ୟ ପୋଢ଼ ଯୁବ ଯାଦବ ସମ୍ପାଦକ ମନୋନୀତ ହୋଇଥିଲେ। ଏନଏସିସ୍ତରରେ ସାହେବ କୁଦେଇ ସଭାପତି, ଗୋବିନ୍ଦ ଅଦାବର ଉପସଭାପତି, ବିରାଟ ବନଛୋର ସମ୍ପାଦକ, ପ୍ରଶାନ୍ତ ଛତର ସହ ସମ୍ପାଦକ, ରାଜୁ ଅଦାବର, କୋଷାଧ୍ୟକ୍ଷ, ଦିବ୍ୟ ବାଗ ଯୁବ ଯାଦବ ସଭାପତି, ଜିତେନ ଅଦାବର ସମ୍ପାଦକ ମନୋନୀତ ହୋଇଥିଲେ। ସାହେବ କୁଦେଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାକୁ କାର୍ତ୍ତିକ ନାଗ ସଂଯୋଜନା କରିଥିଲେ। ଜିଲା ସାଧାରଣ ସମ୍ପାଦକ ରାମ ନାରାୟଣ ଭୋଇ ପର୍ଯ୍ୟବେକ୍ଷକଭାବେ ଯୋଗଦାନ କରିଥିଲେ। ସମସ୍ତଙ୍କ ମଧ୍ୟରେ ଭାତୃତ୍ୱପୂର୍ଣ୍ଣ ସମ୍ପର୍କ ସୃଷ୍ଟି କରି ଗ୍ରାମାଞ୍ଚଳରୁ ସହରାଞ୍ଚଳ ପର୍ଯ୍ୟନ୍ତ ସଂଗଠନକୁ ସୁଦୃଢ଼ କରିବାକୁ ସେ ଆହ୍ୱାନ କରିଥିଲେ। ଜିଲା ସଂଯୋଜକ କେଶବ ଜାଲ, ଏନଏସି ପ୍ରଭାରୀ ନିଳାମ୍ବର ମଲ୍ଲିକ ନିର୍ବାଚନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ଦିଲ୍ଲିପ ପୋଢ଼ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଦ୍ୟାଳୟ ଆସୁନାହାନ୍ତି ପ୍ରୟୋଗଶାଳା ସହାୟକ

ଲାଠୋର, ୩।୩(ଡି.ଏନ.ଏ.)

ଖପ୍ରାଖୋଲ ବ୍ଲକ ମାଲପଡ଼ା ଅନୁସୂଚିତ ଜାତି ଜନଜାତି ଉନ୍ନୟନ ବିଭାଗ ପରିଚାଳିତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କାର୍ଯ୍ୟରତ ଦୁଇ ଜଣ ପ୍ରୟୋଗଶାଳା ସହାୟକ ବିଦ୍ୟାଳୟକୁ ଆସୁନାହାନ୍ତି। ବର୍ତ୍ତମାନ ଯୁକ୍ତ୨ ବିଜ୍ଞାନ ବିଭାଗ ପ୍ରଥମ ବର୍ଷରେ ୬୪ ଏବଂ ଦ୍ୱିତୀୟ ବର୍ଷରେ ୯୨ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। କରୋନା ମହାମାରୀଜନିତ କଟକଣା କୋହଳ ହେବା ପରେ ଗତ ଜାନୁୟାରୀ ୮ତାରିଖରୁ ବିଦ୍ୟାଳୟ ଖୋଲି ପିଲାଙ୍କୁ ପାଠପଢ଼ା ଯାଉଛି। ହେଲେ ଜୀବବିଜ୍ଞାନ ଓ ଭୌତିକ ବିଜ୍ଞାନ ପ୍ରୟୋଗଶାଳା ସହାୟକ ବିଦ୍ୟାଳୟ ଖୋଲିବା ଦିନଠାରୁ ଆସୁନାହାନ୍ତି। ଫଳରେ ପିଲାମାନେ ବ୍ୟବହାରିକ ଶିକ୍ଷାଦାନ ପାଇବାରୁ ବଞ୍ଚିତ ରହିଛନ୍ତି। ବିଦ୍ୟାଳୟ ଅଧକ୍ଷ ଭୂଗୋଳ ବନଗୁଲାଙ୍କୁ ଯୋଗାଯୋଗ କରିବାରୁ କହିଛନ୍ତି, ସମ୍ପୃକ୍ତ ସହାୟକଙ୍କ ଅବହେଳା ପାଇଁ ଦରମା ବନ୍ଦ କରାଯାଇଛି। ଜିଲା ମଙ୍ଗଳ ଅଧିକାରୀ ଅଲେଖ ବିଶ୍ୱାଳଙ୍କୁ ପଚାରିବାରୁ ଘଟଣା ବିଷୟରେ ଅବଗତ ହେଲା ପରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ଓଷ୍ଟାର ବ୍ଲକସ୍ତରୀୟ ସମ୍ମିଳନୀ


ଓଷ୍ଟାର ବ୍ଲକସ୍ତରୀୟ ସମ୍ମିଳନୀରେ ମଞ୍ଚାସୀନ ଅତିଥିବୃନ୍ଦ ।

ବରଗଡ଼ ଅଫିସ୍,୩।୩

ବରଗଡ଼ ଜିଲା ବିଜେପୁର ବ୍ଲକ ଅନ୍ତର୍ଗତ ବରମୁଣ୍ଡା ଉଚ୍ଚ ବିଦ୍ୟାଳୟରେ ଓଷ୍ଟାର ବ୍ଲକସ୍ତରୀୟ ସାମ୍ବିଧାନିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ସଭାପତି ସଦାନନ୍ଦ ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଓଷ୍ଟାର ରାଜ୍ୟ ଉପଦେଷ୍ଟା ସତ୍ୟ ନାରାୟଣ ତ୍ରିପାଠୀ, ଜିଲା ସଭାପତି ଦିପ୍ତିରଞ୍ଜନ ପ୍ରଧାନ, ରାଜ୍ୟ ସମ୍ପାଦକ ନିଳମଣି ପୁରୋହିତ, ରାଜ୍ୟ କାର୍ଯ୍ୟକାରୀ ସଭ୍ୟ ଆଶୁତୋଷ ପ୍ରସାଦ ରଥ ପ୍ରମୁଖ ଯୋଗଦେଇ ଶିକ୍ଷକମାନଙ୍କର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଓଷ୍ଟାର ବ୍ଲକସ୍ତରୀୟ କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା। ଏଥିରେ ସଦାନନ୍ଦ ଷଡ଼ଙ୍ଗୀ ସଭାପତି, ତେଜରାଜ ସାହୁ ସମ୍ପାଦକ ମନୋନୀତ ହୋଇଥିଲେ। ସେହିପରି ଗଜାନନ ସାହୁ, ସଚ୍ଚିଦାନନ୍ଦ ପ୍ରଧାନ, ମଧୁସୂଦନ ସାହୁ ଯଥାକ୍ରମେ ଜିଲା ପରିଷଦ ସଭ୍ୟ, ରାଜ୍ୟ ପରିଷଦ ସଭ୍ୟ ଏବଂ ଉପଦେଷ୍ଟାଭାବେ ମନୋନୀତ ହୋଇଥିଲେ। ଓଷ୍ଟାର ପୂର୍ବତନ ବ୍ଲକ ସମ୍ପାଦକ ସଞ୍ଜୟ କୁମାର ସିଂ ସ୍ୱାଗତ ଭାଷଣ ଦେଇଥିବାବେଳେ ପ୍ରଧାନ ଶିକ୍ଷକ ମଧୁସୂଦନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଅପରାଧ ନିୟନ୍ତ୍ରଣ ଦାବିରେ ସ୍ମାରକପତ୍ର


ଅପରାଧ ନିୟନ୍ତ୍ରଣ ଦାବିରେ ସ୍ମାରକପତ୍ର ପ୍ରଦାନ କରିଥିବା ଅତାବିରା ବ୍ୟବସାୟୀ ସଂଘର ପ୍ରତିନିଧି ଦଳ ।

ସରଣ୍ଡା,୩।୩(ଡି.ଏନ.ଏ)

ବରଗଡ଼ ଜିଲା ଅତାବିରା ଥାନା ଅଞ୍ଚଳରେ ଆପରାଧିକ କାର୍ଯ୍ୟକଳାପ ବଢ଼ି ଚାଲିଛି। ଦିନଦ୍ୱିପ୍ରହରରେ ବଡ଼ ଧରଣର ଚୋରି ହେଉଥିବାବେଳେ ହତ୍ୟାକାଣ୍ଡ ଭଳି ଅପରାଧ ମଧ୍ୟ ବଢ଼ି ଚାଲିଛି। ଏହାକୁ ନେଇ ଅଞ୍ଚଳବାସୀ ନିଜକୁ ଅସୁରକ୍ଷିତ ମଣିଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ଏସପି ପଦ୍ମିନୀ ସାହୁ ଅତାବିରା ଥାନା ଗସ୍ତରେ ଯାଇଥିବାବେଳେ ସ୍ଥାନୀୟ ବ୍ୟବସାୟୀ ସଂଘର ଏକ ପ୍ରତିନିଧି ଦଳ ତାଙ୍କୁ ଭେଟିବା ସହିତ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ନିକଟ ଅତୀତରେ ଅତାବିରା ଅଞ୍ଚଳରେ ୨ଟି ବଡ଼ ଧରଣର ଚୋରି ହୋଇଥିବାବେଳେ ପୋଲିସ ତାର ପର୍ଦ୍ଦାଫାଶ କରି ପାରି ନାହିଁ। ଏପରିକି ଜଣେ ସନ୍ଥଙ୍କୁ ହତ୍ୟା ଘଟଣାର ଅଭିଯୁକ୍ତଙ୍କୁ ମଧ୍ୟ ଏପର୍ଯ୍ୟନ୍ତ ଧରି ପାରି ନାହିଁ ବୋଲି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି । ଫଳରେ ଏହି ଅପରାଧଗୁଡ଼ିକର ଅପରାଧୀମାନଙ୍କୁ ତୁରନ୍ତ ଗିରଫ କରିବା ସହିତ ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ସ୍ମାରକପତ୍ରରେ ଦାବି ହୋଇଛି। ସେହିପରି ନିଶା କାରବାର ରୋକିବା ଏବଂ ହାଟ, ବଜାର, ବସଷ୍ଟାଣ୍ଡ, ତହସିଲ, ଡାକ୍ତରଖାନା, ରେଳ ଷ୍ଟେଶନ ଛକ ଗୁଡ଼ିକରେ ରାତ୍ରିରେ ପୋଲିସ ପାଟ୍ରୋଲିଂ କରିବାକୁ ଦାବି ହୋଇଛି । ଅତାବିରା ବ୍ୟବସାୟୀ ସଂଘର ବୃନ୍ଦାବନ ମିଶ୍ର, ଜୟପ୍ରକାଶ ଅଗ୍ରୱାଲ ପ୍ରମୁଖ ସ୍ମାରକପତ୍ର ପ୍ରଦାନବେଳେ ଉପସ୍ଥିତ ଥିଲେ।

## ଶ୍ରୀରାମ ମନ୍ଦିର ପରିଚାଳନା କମିଟି ଗଠିତ

ରିଷିଡା, ୩।୩ (ଡି.ଏନ.ଏ.)

କଳାହାଣ୍ଡି ଜିଲା ରିଷିଡାସ୍ଥିତ ଶ୍ରୀରାମ ମନ୍ଦିର ପରିସରରେ ଅନୁଷ୍ଠିତ ଏକ ବୈଠକରେ ପରିଚାଳନା କମିଟି ଗଠନ କରାଯାଇଛି। ସର୍ବସମ୍ମତିକ୍ରମେ ସଭାପତି ଭାବେ ଅନ୍ତର୍ଯ୍ୟାମୀ ସାହୁ ଓ ସମ୍ପାଦକ ଭାବେ ପ୍ରେମାନନ୍ଦ ପାତ୍ର ମନୋନୀତ ହୋଇଛନ୍ତି । ଏଥି ସହିତ ପ୍ରତିଷ୍ଠା ଉତ୍ସବ ବାର୍ଷିକ ପୂର୍ତ୍ତି ଅବସରରେ ଶ୍ରୀରାମ ମନ୍ଦିରର ଆୟବ୍ୟୟ ଅଟକଳ ପ୍ରଦାନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଉମ୍ବରୁଧର ପାତ୍ର, ଦିଲୀପ କୁମାର ରଣା, ଜଗମୋହନ ରଣା, ଶିବଲାଲ କେଡିଆ, ଲକ୍ଷ୍ମୀପ୍ରସାଦ ସେଠ, ରୋହିତ ରଣା, ଧର୍ମାନନ୍ଦ କୁମାର ପ୍ରମୁଖ ଯୋଗଦେଇଥିଲେ।

## ସଂସ୍କୃତ, ବିଜ୍ଞାନ ପରିପୂରକ



ଜାତୀୟ ବିଜ୍ଞାନ ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥିବୃନ୍ଦ ।

ବରଗଡ଼ ଅଫିସ୍,୩।୩

ଦୈନନ୍ଦିନ ଜୀବନରେ ବିଜ୍ଞାନର ପ୍ରମୁଖ ଭୂମିକା ରହିଛି। ସେହିପରି ଆଦିଭାଷା ସଂସ୍କୃତ ଓ ବିଜ୍ଞାନ ପରସ୍ପର ପରିପୂରକ। ବରଗଡ଼ ସାଇନ୍ସ ପାର୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଜାତୀୟ ବିଜ୍ଞାନ ଦିବସ ପାଳନ ଅବସରରେ ବକ୍ତାମାନେ ଏହା ମତପ୍ରକାଶ କରିଛନ୍ତି। ଜିଲା ଶିକ୍ଷା ଅଧିକାରୀ ମିତ୍ରଭାନୁ କଚ୍ଛପଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରଗଡ଼ ଜର୍ଜ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ସେହିପରି ଜିଲା ବିଜ୍ଞାନ ନିରୀକ୍ଷକ ଡ ମନୋଜ କୁମାର ସାହୁ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଅବସରପ୍ରାପ୍ତ ଅଧ୍ୟାପକ ରବୀନ୍ଦ୍ରନାଥ ପ୍ରଧାନ ମୁଖ୍ୟବକ୍ତାଭାବେ ଯୋଗଦେଇ ବିଜ୍ଞାନ ଓ ସଂସ୍କୃତ ମଧ୍ୟରେ ରହିଥିବା ସାମଞ୍ଜସ୍ୟ ଉପରେ ଆଲୋକପାତ କରିଥିଲେ।

## ଲୋକ ସଭା କାର୍ଯ୍ୟ ପ୍ରଣାଳୀ କର୍ମଶାଳା

ବରଗଡ଼ ଅଫିସ୍,୩।୩

ବରଗଡ଼ ବିଦ୍ୟା ବିହାରସ୍ଥିତ ଇମ୍ପିରିଆଲ କଲେଜ ପରିସରରେ ଲୋକ ସଭାର କାର୍ଯ୍ୟ ପ୍ରଣାଳୀ ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଏମ୍‌ପି ଡଃ ପ୍ରଭାସ କୁମାର ସିଂ ଉକ୍ତ କର୍ମଶାଳାରେ ମୁଖ୍ୟ ଆଲୋଚକଭାବେ ଯୋଗ ଦେଇଥିଲେ। କଲେଜର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଛାତ୍ର ମନୋରଞ୍ଜନ ଦାଶ ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପକ ଜୁବଲି ଦେବତା ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଆଲୋଚକ ସିଂ ଲୋକ ସଭାରେ ତାଙ୍କ ଅଭିଜ୍ଞତା ସହିତ କାର୍ଯ୍ୟ ପ୍ରଣାଳୀ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ର ତାଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିଥିଲେ ଏବଂ ସିଂ ତାର ଉତ୍ତର ରଖିଥିଲେ। ଅଧ୍ୟକ୍ଷ ଦୀପକ ଗୋୟଲ ଧନ୍ୟବାଦ ଅର୍ପଣ କରିଥିଲେ ।


କର୍ମଶାଳାରେ ଉପସ୍ଥିତ ଇମ୍ପିରିଅଲ କଲେଜର ଚେୟାରମ୍ୟାନ, ଛାତ୍ରୀଛାତ୍ରବୃନ୍ଦ।

## ବୃଦ୍ଧି ପାଉଛି ନିଶାଦ୍ରବ୍ୟ କାରବାର

**ସୁବର୍ଣ୍ଣପୁର ଜିଲା**
- ପୋଲିସ, ଅବକାରୀ ବିଭାଗ ନୀରବଦ୍ରଷ୍ଟା

ସୋନପୁର,୩।୩(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ସଦର ମହକୁମା ସମେତ ସମଗ୍ର ଜିଲାରେ ଏବେ ନିଶାଦ୍ରବ୍ୟ କାରବାର ବୃଦ୍ଧି ପାଇବାରେ ଲାଗିଛି । ଏଥିଯୋଗୁ ବିଭିନ୍ନ ସମୟରେ ଅସାମାଜିକ ତଥା ଆପରାଧିକ କାର୍ଯ୍ୟକଳାପ ଘଟୁଛି। ବିଶେଷ କରି ସୋନପୁର ସହରକୁ କଟକ, ବୌଦ୍ଧ, ବରଗଡ ଓ ସମ୍ବଲପୁରରୁ ଯାତ୍ରୀବାହୀ ବସ୍ ଓ ଅନ୍ୟ ଯାନବାହାନରେ କଫ୍ ସିରପ୍ ଆସି ଏଠାରେ ବେଧଡକ ଭାବେ ବିକ୍ରି କରାଯାଉଛି । କଫ୍ ସିରପ୍ ସହ ବିଭିନ୍ନ ପ୍ରକାର ନିଶା ବଟିକା, ଇଞ୍ଜେକ୍ସନ ଆଦି ନିଶା ବେପାରୀମାନେ ବିକ୍ରି କରୁଛନ୍ତି । ଫଳରେ ଏହାକୁ ସେବନ କରି ଯୁବଗୋଷ୍ଠୀ ବିପଥଗାମୀ ହେଉଛନ୍ତି। ଏହି ନିଶା ସେବନ କରି ଯୁବକମାନେ ଅନେକ ସମୟରେ ଆପରାଧିକ କାର୍ଯ୍ୟକଳାପ ଘଟାଉଛନ୍ତି। ଜିଲା ସଦର ମହକୁମା ସହ ଜିଲାର ଗ୍ରାମାଞ୍ଚଳରେ ଏହି କାରବାର ଚାଲିଛି। ଏ ନେଇ ଅଭିଯାଗ ସତ୍ତ୍ୱେ ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନି। ଫଳରେ ନିଶା ବେପାରୀ ଆହୁରି ପ୍ରୋତ୍ସାହିତ ହୋଇ କାରବାର ଚଳାଇଛନ୍ତି। ସେହିପରି ଜିଲାର ସମସ୍ତ ଢାବା ଏବେ ବାର୍‌ରେ ପରିଣତ ହୋଇଛି। ବିନା ଲାଇସେନ୍ସରେ ଖୁଲମଖୋଲା ଦେଶୀ, ବିଦେଶୀ ମଦ ବିକ୍ରି ଚାଲିଛି। ଅସାଧୁ ପୋଲିସ ଓ ଅବକାରୀ କର୍ମଚାରୀଙ୍କୁ ହାତଗୁଞ୍ଜା ଦେଇ ଢାବା ମାଲିକମାନେ ଏହି ବ୍ୟବସାୟ ଚଳାଇଛନ୍ତି । ନିଶା ସେବନ କରି ଗାଡି ଚଳାଇବା ଯୋଗୁ ସଡକ ଦୁର୍ଘଟଣା ବୃଦ୍ଧି ପାଉଛି । ସୋନପୁର ସହରରେ ନିର୍ମାଣାଧୀନ ରିଂ ରୋଡ ଓ ସର୍କିଟ୍ ହାଉସ ପାର୍ଶ୍ୱ ଖୋଲାସ୍ଥାନ ନିଶା ସେବନକାରୀଙ୍କ ଆଡ୍ଡାସ୍ଥଳୀ ପାଲଟିଛି । ସବୁଠି ମଦ ବୋତଲ ଓ କଫ୍ ସିରପ୍ ବୋତଲ ପଡିଥିବା ଦେଖିବାକୁ ମିଳୁଛି । ବିନିକା ଓ ଡୁଙ୍ଗୁରିପାଲି ବ୍ଲକର କେନାଲ ଅଞ୍ଚଳରେ ଚୋରା ଦେଶୀ ମଦ କାରବାର କୁଟୀର ଶିଳ୍ପରେ ପରିଣତ ହୋଇଛି । ତରଭା ଓ ଉଲୁଣ୍ଡା ଅଞ୍ଚଳର ଜଙ୍ଗଲରେ ବେଆଇନ ଭାବେ ଦେଶୀ ମଦ ରନ୍ଧା ହେଉଛି। କେବେ କେମିତି ଲୋକ ଦେଖାଣିଆ ଭାବେ ଚଢାଉ କରି ପୋଲିସ ଓ ଅବକାରୀ ବିଭାଗ ନୀରବଦ୍ରଷ୍ଟା ସାଜିଛି। ସେହିପରି ଗ୍ରାମାଞ୍ଚଳର ଅନେକ ପାନ, ଚା ଦୋକାନରେ ଦେଶୀ, ବିଦେଶୀ ମଦ ଏବଂ କଫ୍ ସିରପ୍ କାରବାର ହେଉଛି । ଏହି ନିଶା କାରବାର ଉପରେ ରୋକ୍ ଲଗାଇବା ପାଇଁ ଜିଲା ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ସ୍କ୍ୱାର୍ଡ ଗଠନ କରି ନିୟମିତ ଚଢାଉ କରିବାକୁ ସାଧାରଣରେ ଦାବି ହେଉଛି ।

